ସମାଜ

ତାରିଖ: ୧୩.୦୨.୨୦୦୯

## କ୍ୟାମ୍ପସ୍ ହାଲଚାଲ

# ଇମ୍ପାକ୍ଟ ପକ୍ଷରୁ ବିଜୁପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ସମ୍ମାନିତ

ନିକଟରେ ମୁମ୍ବଇର 'ତାଜ ଲାଣ୍ଡସ୍ ଏଣ୍ଡ' ହୋଟେଲରେ ଭୁବନେଶ୍ୱରର ଘଟିଆସ୍ଥିତ ବିଜୁପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଇ.ଟି. ଓ ମ୍ୟାନେଜମେଣ୍ଟ କଲେଜକୁ ଇମ୍ପାକ୍ଟ(ସର୍ବଭାରତୀୟ ଅନୁଷ୍ଠାନ) ପକ୍ଷରୁ ମାର୍କେଟିଙ୍ଗ୍‌ରେ ପୂର୍ବାଞ୍ଚଳର ସର୍ବୋତ୍କୃଷ୍ଟ ବି-ସ୍କୁଲର ମାନ୍ୟତା ଦିଆଯାଇଛି ।

ଉକ୍ତ ସଂସ୍ଥାର ସ୍ୱାଧୀନ ବିଚାରକ ମଣ୍ଡଳୀ ବିଭିନ୍ନ ଦିଗରୁ ବିଚାରକରି ଉପରୋକ୍ତ ଶିକ୍ଷାନୁଷ୍ଠାନକୁ ନେତୃତ୍ୱ, ବିକାଶ, ଶିଳ୍ପ ଓ ଶିକ୍ଷାନୁଷ୍ଠାନର ନୂତନ ସମୀକରଣରେ ସର୍ବୋତ୍କୃଷ୍ଟ ଅବଦାନ ପାଇଁ ପୁରସ୍କୃତ କରିଛନ୍ତି । ପୁରସ୍କାର ବିତରଣ ଉତ୍ସବ ପରେ 'ବିଚାର ପାଇଁ ନେତୃତ୍ୱର ଆବଶ୍ୟକତା' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଉକ୍ତ କର୍ମଶାଳାରେ ୟୁନିଭରସିଟି ଅଫ୍ ମିଚିଗାନ୍‌ର ପ୍ରଫେସରଏନ୍.ଟିଚି ଅଧ୍ୟକ୍ଷତା କରିଥିଲେ । ଉକ୍ତ ପୁରସ୍କାରକୁ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ପ୍ରତାପ ବଳବନ୍ତରାୟଙ୍କ ତରଫରୁ ଅନୁଷ୍ଠାନର ଡିନ୍ ପ୍ରଫେସର ଏ.ଏ.ଖାନ୍ ଗ୍ରହଣ କରିଥିଲେ ।